ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 48/10-04-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୦ ଅପ୍ରେଲ, ୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାରେ ୪୦ ଲକ୍ଷରୁ ଅଧିକ ଟିକା ଦିଆଯାଇ କୋଭିଡ୍-୧୯ ଟିକାକରଣରେ ଏକ ପ୍ରମୁଖ କୀର୍ତ୍ତିମାନ ହାସଲ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜ୍ୟରେ ତ୍ୱରିତ ଟିକାକରଣକୁ ସୁନିଶ୍ଚିତ କରିଥିବାରୁ ଆମର ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିବଦ୍ଧତାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିକାଶର ମାର୍ଗକୁ ଆହୁରି ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀରଠାରେ ଏକ ୧୦୪୨ ମିଟର ଲମ୍ବା ରେଳ ଓଭରବ୍ରିଜ୍‌କୁ ଲୋକାର୍ପିତ କରି କହିଛନ୍ତି ଯେ ବିକାଶ ରାସ୍ତାରେ ବଲାଙ୍ଗୀର ଆଗକୁ ବଢ଼ିଚାଲିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶର କିରଣ ଲୋକଙ୍କ ଜୀବନକୁ ଆଲୋକିତ କରୁଛି ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଜିଲ୍ଲାର ଗମନାଗମନ ଓ ପରିବହନ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆଣିବା ସହ ପର୍ଯ୍ୟଟନର ବିକାଶରେ ମଧ୍ୟ ସହାୟକ ହେବ । ଏହା ଦ୍ୱାରା ଟିଟିଲାଗଡ଼, କେସିଙ୍ଗା, ଭବାନୀପାଟଣା ଓ ନୂଆପଡ଼ାର ବାସିନ୍ଦାମାନେ ବହୁଳ ଭାବେ ଉପକୃତ ହେବେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଲକ୍ଷ ଲକ୍ଷ ଲୋକଙ୍କୁ ବିକାଶର ନୂଆ ଧାରାରେ ଯୋଡ଼ି ଏହି ଓଭରବ୍ରିଜ୍ ସାମାଜିକ-ଆର୍ଥିକ ଉନ୍ନତି ଆଣିବ ବୋଲି ଆଶାପ୍ରକଟ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସମଲେଇ ଯୋଜନାର ଥଇଥାନ ଓ ପୁନର୍ବାସ ପ୍ୟାକେଜ୍‌କୁ ଅନୁମୋଦନ କରି ଏହି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ବହୁମୂଲ୍ୟ ତ୍ୟାଗକୁ କେହି ଭୁଲି ପାରିବେନି ବୋଲି କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ମତାମତ ଆଧାରରେ ଏହା ପ୍ରସ୍ତୁତ ହେଉଥିବାବେଳେ ମଇ ୧୫ ତାରିଖ ସୁଦ୍ଧା ଏହାକୁ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ସ୍ଥଳେ ଲୋକଙ୍କ ମତାମତଅନୁଯାୟୀ ଏହାକୁ ଆହୁରି ଆକର୍ଷଣୀୟ କରାଯିବ । ଏଥିରେ ସମସ୍ତଙ୍କ ପାଇଁ ଆକର୍ଷଣୀୟ କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତି ପରିବାର, ଉଠା ଦୋକାନୀ, ଦୋକାନୀ ଏବଂ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତିଙ୍କ ଥଇଥାନ ଓ ପୂନର୍ବାସ ପାଇଁ ଏଥିରେ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି । ପୂଜାରୀଙ୍କୁ ଜମି ବଦଳରେ ଜମି ସହ ୨୦ ଲକ୍ଷ ଟଙ୍କାର ପୁନର୍ବାସ ଭତ୍ତା ଏବଂ ବସ୍ତି ବାସିନ୍ଦାଙ୍କୁ ଜମି ଓ ଏକକାଳୀନ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୯୩,୩୮,୭୦୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୪୮, ୧୮୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୯, ୨୦୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୨୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୦୦୩ ରହିଛି ।
- ୭୦୦୩ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**